DHARITRI.COM

Vol VIII Issue No.171 Thursday, 21 June 2007



**New York Times Newspaper**
denver - Get Home Delivery for as little as $3.15 per week!
www.nytimes.com

**India news paper**
Catch Out Live Indian News Online At Sulekha News! Read On Today
www.Sulekha.com

**Hindi Ringtone**
Send this ringtone to your phone right now!
RingRingMobile.com

previous || next

# କଂଗ୍ରେସ ଦଳ ଓଡ଼ିଶାର ଶତ୍ରୁ: ବିଜୁ ଯୁବ ଜନତା

Click to enlarge text: A A A A

ବାରିପଦା ଅଫିସ,୨୦।୬- ଓଡ଼ିଶାର କେ.ବି.କେ. ଅଞ୍ଚଳରେ ଶିକ୍ଷାର ବିକାଶ ଲାଗି ଏକ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରିବାପାଇଁ କେନ୍ଦ୍ର ସରକାର ସମ୍ମତି ପ୍ରଦାନ କରିଥିଲେ । ପରବର୍ତ୍ତୀ ସମୟରେ ଓଡ଼ିଶା ବଦଳରେ ମଧ୍ୟପ୍ରଦେଶର ଅମରକଂଟକଠାରେ ଉକ୍ତ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରାଯିବ ବୋଲି କେନ୍ଦ୍ର ମାନବ ସମ୍ବଳ ମନ୍ତ୍ରଣାଳୟ ଘୋଷଣା କରିଥିବାରୁ କଂଗ୍ରେସ ଦଳ ଓଡ଼ିଶାର ଶତ୍ରୁ ବୋଲି ମୟୂରଭଞ୍ଜ ଜିଲା ବିଜୁ ଯୁବଜନତା ଦଳ ସଭାପତି ରଙ୍ଗନାଥ ମହାନ୍ତି ଏକ ପ୍ରେସ ବିବୃତିରେ ପ୍ରକାଶ କରିଛନ୍ତି । ଓଡ଼ିଶାରେ ପ୍ରସ୍ତାବିତ ଆଇଆଇଟି ଆନ୍ଧ୍ର ପ୍ରଦେଶକୁ ଚାଲିଯାଇଥିବାରୁ ଓଡ଼ିଶାର ଉଚ୍ଚଶିକ୍ଷା ବିକାଶରେ ପ୍ରତିବନ୍ଧକ ସୃଷ୍ଟି ହୋଇଛି । କେନ୍ଦ୍ର ସରକାରଙ୍କ ଅନୁରୂପ ନିଷ୍ପତ୍ତି ପାଇଁ ଓଡ଼ିଶାର ବିଭିନ୍ନ ଉନ୍ନୟନ କ୍ଷେତ୍ରରେ ବାଧା ଆସୁଥିବାବେଳେ କଂଗ୍ରେସ ମିଥ୍ୟା ଦରଦ ଦେଖାଉଛି ବୋଲି ଶ୍ରୀ ମହାନ୍ତି ଅଭିଯୋଗ କରିଛନ୍ତି । କେ.ବି.କେ. ଅଞ୍ଚଳରେ ଏକ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପାଇଁ ୨୦୦୫ମସିହାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେନ୍ଦ୍ର ମାନବ ସମ୍ବଳ ମନ୍ତ୍ରୀଙ୍କୁ ସାକ୍ଷାତକରି ପ୍ରସ୍ତାବ ଦେଇଥିଲେ । ଉକ୍ତ ପ୍ରସ୍ତାବ ଅନୁସାରେ କେବିକେ ଅଞ୍ଚଳରେ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଯୋଜନା ଏକାଦଶ ପଞ୍ଚବାର୍ଷିକ ଯୋଜନାର ଚୂଡ଼ାନ୍ତ ଚିଠାରେ ସ୍ଥାନ ପାଇଥିଲା । ତେବେ ଚଳିତମାସ ୧୮ତାରିଖ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ୍‌ରେ ଉକ୍ତ ବିଶ୍ୱବିଦ୍ୟାଳୟ ମଧ୍ୟ ପ୍ରଦେଶଠାରେ ପ୍ରତିଷ୍ଠା ହେବ ବୋଲି ନିଷ୍ପତ୍ତି ହୋଇଥିବାରୁ କେନ୍ଦ୍ର ସରକାରଙ୍କ ଅନୁରୂପ ରାଜ୍ୟ ବିରୋଧୀ କାର୍ଯ୍ୟକୁ ସାଧାରଣରେ ନାପସନ୍ଦ କରାଯାଇଛି ବୋଲି ବିଜୁ ଛାତ୍ରଜନତା ସଭାପତି ଦେବାଶିଷ ମହାନ୍ତି, ଜିଲା ପରିଷଦ ଉପାଧ୍ୟକ୍ଷ ପ୍ରତାପ ସାହୁ, ଜିଲାପରିଷଦ ସଦସ୍ୟ ଶତଦଳ ମହାନ୍ତ, ସୁଶାନ୍ତ ବଳ, ଅର୍ଜୁନ ପାତ୍ର, ଯୁବନେତା ସୁବ୍ରମଣ୍ୟମ ମହାନ୍ତି, ସନ୍ତୋଷ ମହାନ୍ତି, ସରୋଜ ବୋଷ ପ୍ରମୁଖ ପ୍ରକାଶ କରିଛନ୍ତି ।

previous || next

**New York Times Newspaper**
denver - Get Home Delivery for as little as $3.15 per week!
www.nytimes.com

**India news paper**
Who Will Be The Next President Of India? Join The Heated Debate
www.Sulekha.com

**Hindi Ringtone**
Send this ringtone to your phone right now!
RingRingMobile.com

©2004 Dharitri All Rights Reserved.
Send all feedback / comments to **webmail@dharitri.com**.
Advertisement inquiries contact **advt@dharitri.com**.